**ବିନା ଦସ୍ତଖତ, ବାୟୋମେଟ୍ରିକ୍‌ରେ ରାଶନ ଦାବି**

କଟକ ଅଫିସ: ଦେଶରେ ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଦୈନିକ ସଂକ୍ରମଣ ଓ ମୃତ୍ୟୁ ହାର ରେକର୍ଡ ସୃଷ୍ଟି କରୁଛି। ଶଟ୍‌ଡାଉନ ଓ ଲକ୍‌ଡାଉନ ଆଦି କଟକଣା ଯୋଗୁ ଗରିବ ଲୋକେ କାମଧନ୍ଦା ନ ପାଇ ଦୁର୍ବିଷହ ସମ୍ମୁଖୀନ ହେଉଛନ୍ତି। ବହୁ ଲୋକ ବିଭିନ୍ନ ସ୍ଥାନରେ ଫସି ରହିଥିବାରୁ ସେମାନଙ୍କ ପରିବାର ଲୋକେ ହଇରାଣ ହେଉଛନ୍ତି। ଏଣୁ ତୁରନ୍ତ ରାଶନକାର୍ଡ ହିତାଧିକାରୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷିତ ମାଗଣା ରାଶନ ଯୋଗାଇ ଦେବାକୁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଦାବି କରିଛନ୍ତି। ଏଥିସହ ଦସ୍ତଖତ କିମ୍ବା ବାୟୋମେଟ୍ରିକ ନ ନେଇ ରାଶନ ଦେବାକୁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଡ୍ରାଇଭ୍ ଇନ୍ ଭାକ୍ସିନେଶନ: ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୧୧।୫(ବ୍ୟୁରୋ): କରୋନା ସଂକ୍ରମଣରେ ରୋକ୍ ଲଗାଇବା ଲାଗି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତରଫରୁ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି। ଗତ ୮ ତାରିଖରୁ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ରେ 'ଡ୍ରାଇଭ୍ ଇନ୍ ଭାକ୍ସିନେଶନ' ଚାଲିଛି। ୨ ଚକିଆ ଓ ୪ ଚକିଆ ଗାଡ଼ିରେ ବସିଥିବା ଅବସ୍ଥାରେ ଲୋକଙ୍କୁ ଟିକା ଦିଆଯାଉଛି। ତେବେ ଏହାକୁ ବିରୋଧ କରି ଜଣେ ହିତାଧିକାରୀ କେନ୍ଦ୍ରାପଡ଼ା ଇନ୍ଦୁପୁରର ବିଶ୍ୱନାଥ ଦାଶ ସୋମବାର ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଟିକାକରଣରେ ଏପରି ତ୍ରୁଟିପୂର୍ଣ୍ଣ ପରିଚାଳନାକୁ ନେଇ ସେ ପ୍ରତିବାଦ ଜଣାଇଛନ୍ତି ସେ ତାଙ୍କ ପିଟିସନରେ ଉଲ୍ଲେଖ କରିଛନ୍ତି ଯେ, ଏପରି ଟିକାକରଣ ଦ୍ୱାରା କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବିଏମ୍‌ସି ପକ୍ଷରୁ ସହରର ୧୮ଟି ସ୍ଥାନରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ସେଠାରେ ଟିକାକରଣ କଲା ନ ଯାଇ ଏକ ମଲର ପାର୍କିଂ ସ୍ଥାନରେ କରାଯିବା ଯୁକ୍ତିଯୁକ୍ତ ହୋଇନାହିଁ। ଏଠାରେ ୩ ଘଣ୍ଟାରେ ୨୦୦ ଲୋକଙ୍କୁ ଟିକା ଦିଆଯାଉଛି। ଟିକା ନେବା ପରେ ବିଶ୍ରାମ ନେବାର ନିୟମ ରହିଛି। ହେଲେ ସେଠାରେ ସେଭଳି କିଛି ବ୍ୟବସ୍ଥା ନ ଥିବାରୁ ଲୋକେ ଟିକା ନେଇ ସିଧାସଳଖ ମଲ ବାହାରକୁ ଗାଡ଼ି ଚଲାଉଛନ୍ତି। ଫଳରେ କେତେଜଣଙ୍କଠାରେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଏହାର ତଦନ୍ତ କରାଯିବାକୁ ସେ ନିବେଦନ କରିଛନ୍ତି ବିଶ୍ୱନାଥଙ୍କ ତରଫରୁ ଆଇନଜୀବୀ ଡ. ବିଭୁ ଦାଶ ଏହି ପିଟିଶନ ଦାଖଲ କରିଥିଲେ।

### ସାମାଜିକ କର୍ମୀ ରବି ଦାଶଙ୍କ ପରଲୋକ

କଟକ ଅଫିସ,୧୧।୫: ସାମାଜିକ କର୍ମୀ ରବି ଦାଶଙ୍କ ମହାନଦୀବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଖାନନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ଝିଅ ତଲି ଦାଶ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାଶଙ୍କ ଘର ଜଗତ୍‌ସିଂହପୁର ଜିଲା ତାରପୁରରେ। ଷାଠିଏ ଦଶକରେ ପ୍ରକାଶ ପାଉଥିବା ସାମ୍ଖ୍ୟ ପତ୍ରିକାରେ ସେ ସମ୍ପାଦନା କରିଥିଲେ। ଓଡ଼ିଶାରେ ସିପିଆଇ(ଏମ୍‌ଏଲ୍)ର ପ୍ରଥମ ପ୍ରଚାର ଦାୟିତ୍ୱରେ ଥିଲେ। ସେ ୨ ବର୍ଷ ଜେଲରେ ରହିଥିଲେ। ଏହା ପରେ ବି ସେ ସାମ୍ୟବାଦୀ ବିଚାରଧାରାକୁ ଜାରି ରଖିଥିଲେ।

### ରାତି ଅଧରେ ଟିକା ପଞ୍ଜୀକରଣ ଧରାପଡ଼ିଲା ଭୁଲ୍ ମାଗିଲେ ସୁରକ୍ଷାକର୍ମୀ

ସାଲେପୁର,୧୧।୫(ଡି.ଏନ୍.ଏ.): ଟିକାକରଣ ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲମ୍ବା ଲାଇନ୍ ଲାଗୁଥିବା ବେଳେ କେତେଜଣ ବ୍ୟକ୍ତି ସୁରକ୍ଷାକର୍ମୀଙ୍କ ସହାୟତାରେ ରାତି ଅଧରୁ ପଞ୍ଜୀକରଣ କରି ନେଉଥିଲେ। ଏନେଇ ମଙ୍ଗଳବାର ବିଡିଓ ଦେବରାଜ ସେଠୀ, ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମିତରଞ୍ଜନ ଦେଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିଛି। ଉଭୟ ସୁରକ୍ଷା କର୍ମଚାରୀ ଭୁଲ ମାଗିବା ସହ ଭବିଷ୍ୟତରେ ଆଉ ଏଭଳି କରିବେ ନାହିଁ ପ୍ରକାଶ କରିଛନ୍ତି।

# ଭୁବନେଶ୍ୱରରେ ୧୨ଶହ ମୁହାଁ ସଂକ୍ରମଣ

## ଆଉ ୧୧୯୬ ପଜିଟିଭ୍, ୨ ମୃତ

ଭୁବନେଶ୍ୱର,୧୧।୫ (ବ୍ୟୁରୋ)

ଭୁବନେଶ୍ୱରରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଶହ ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୧୧୯୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରେଣ୍ଟାଇନରୁ ୧୯୪ଜଣ ଥିବାବେଳେ ୧୦୦୨ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ନୟାପଲ୍ଲୀରୁ ସର୍ବାଧିକ ୬୧ଜଣ ଆକ୍ରାନ୍ତ ବାହାରିଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ୫୬ଜଣ, ପହିଆରୁ ୪୭, ସୁନ୍ଦରପଦାରୁ ୨୫, ପାତ୍ରପଡ଼ାରୁ ୨୨, ଶୈଳଶ୍ରୀ ବିହାରରୁ ୨୧, ୟୁନିଟ-୬ରୁ ୨୩, ନୀଳାଦ୍ରି ବିହାରରୁ ୧୪, ଟଙ୍କପାଣିରୋଡ଼ରୁ ୧୮, ରସୁଲଗଡ଼ରୁ ୨୨, ଶାସ୍ତ୍ରୀ ନଗରରୁ ୧୫, ୟୁନିଟ-୩ରୁ ୧୬,ଶହୀଦନଗରରୁ ୨୧, ୟୁନିଟ- ୮ରୁ ୧୫, ୟୁନିଟ୍-୯ରୁ ୧୭, ସାମନ୍ତରାପୁର ଓ ପଳାଶୁଣୀରୁ ୧୨ଜଣ ଲେଖାଏ, ୟୁନିଟ୍-୪ରୁ ୧୫, ଭିଏସ୍‌ଏସ୍ ନଗରରୁ ୧୪, ଲକ୍ଷ୍ମୀସାଗରରୁ ୧୯, ଚନ୍ଦ୍ରଶେଖରପୁରରୁ ୩୦, ଜାଗମରାରୁ ୧୩, ବରମୁଣ୍ଡାରୁ ୧୭, ଡୁମୁଡୁମାରୁ ୨୭, ଖଣ୍ଡଗିରିରୁ ୨୪, ଘାଟିକିଆରୁ ୨୫, ବଡଗଡରୁ ୨୯, ମଞ୍ଚେଶ୍ୱର, ଗଜପତି ନଗର ଓ ନାଗେଶ୍ୱର ଟାଙ୍ଗିରୁ ୧୦ଜଣ ଲେଖାଏ, କଳିଙ୍ଗ ବିହାରରୁ ୧୧, ଆଚାର୍ଯ୍ୟ ବିହାରରୁ ୧୪, ସତ୍ୟ ନଗରରୁ ୧୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୫୫,୬୭୭କୁ ବୃଦ୍ଧି ପାଇଛି। ୨ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ସଂଖ୍ୟା ୨୮୪ରେ ପହଞ୍ଚିଛି।

# ଆଜିଠାରୁ ରେଗାଲିଆ ମଲ୍‌ରେ ଟିକାକରଣ



ଗ୍ୟାଲେରିଆ ମଲ୍‌ରେ ଟିକାକରଣ ଚାଲିଛି।

ଭୁବନେଶ୍ୱର, ୧୧।୫ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଗତ ୮ ତାରିଖରୁ ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ୍ ମଲରେ ଡ୍ରାଇଭ ଇନ୍ ଭ୍ୟାକ୍ସିନେଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ୪୬୦ଜଣଙ୍କୁ ଟିକା ଦିଆଯାଇଛି। ସେହିପରି କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ମଙ୍ଗଳବାର ପ୍ରଥମ ଦିନରେ ୨୮୭ଜଣ, ରୁଦ୍ରପୁରସ୍ଥିତ ସିମ୍ଫୋନି ମଲ୍‌ରେ ୨୮୮ଜଣ ଓ ପଟିଆସ୍ଥିତ କିଟ୍ ୟୁନିଭର୍ସିଟି କ୍ରିକେଟ୍ ଷ୍ଟାଡିୟମରେ ୨୮୭ଜଣ ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଦ୍ୱିତୀୟ ଡୋଜ୍ ଟିକା ପ୍ରଦାନ କରାଯାଇଛି। ତେବେ କଳିଙ୍ଗନଗରସ୍ଥିତ ଡିଏନ୍ ରେଗାଲିଆ ମଲ୍ ପାର୍କିଂ ସ୍ଥଳରେ ବୁଧବାରଠାରୁ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ବ୍ୟବସ୍ଥା ଆରମ୍ଭ ହେଉଛି। ପ୍ରଥମ ଡୋଜ୍ ଟିକା ନେଇସାରିଥିବା ୪୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ https://selfregistration.cowin.gov.in/ ମାଧ୍ୟମରେ ସ୍ଲଟ୍ ବୁକିଂ କରି ଟିକା ନେଇ ପାରିବେ। ଏଥିପାଇଁ ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବୁକିଂ ଆରମ୍ଭ ହୋଇଛି। ପ୍ରତିଦିନ ୩ଶହଜଣ ହିତାଧିକାରୀ ଟିକା ନେଇପାରିବେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏଠାରେ ଟିକାକରଣ ଚାଲିବ।

### ଭବାନୀ ମଲ୍ ପାର୍କିଂ ସ୍ଥଳରେ ହେବ କୋଭିଡ୍ ଟେଷ୍ଟ

ଅନ୍ୟପକ୍ଷରେ ଶହୀଦନଗରସ୍ଥିତ ଭବାନୀ ମଲ୍‌ର ପାର୍କିଂ ସ୍ଥଳରେ ଟେଷ୍ଟିଂର ବ୍ୟବସ୍ଥା ହୋଇଛି। ଏଠାରେ ଉଭୟ ଆଣ୍ଟିଜେନ୍ ଓ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ। କରୋନା ଲକ୍ଷଣ ଥିବା ବ୍ୟକ୍ତିମାନେ ନିଜ ଗାଡିରେ ଆସି ଏଠାରେ ପରୀକ୍ଷା କରାଇ ପାରିବେ। ନିଜ ପାଳି ନ ଆସିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କୁ ଗାଡିରୁ ଓହ୍ଲାଇବାକୁ ବାରଣ କରାଯାଇଛି। ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ୟକ୍ତି ନିଜକୁ ସଙ୍ଗରୋଧ କରି ରହିବାକୁ ପଡିବ। ସେହିଭଳି ଟେଷ୍ଟ କରାଇବାକୁ ଆସୁଥିବା ବ୍ୟକ୍ତିଙ୍କୁ ଠିକ୍ ମୋବାଇଲ୍ ନମ୍ବର ଓ ଠିକଣା ଦେବାକୁ ପଡିବ। ପ୍ରତିଦିନ ସକାଳ ୮ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସତ୍ୟ



@ ବଚନ



@ ଅଶୋକ



@ ସରୋଜ



@ ପ୍ରଦୀପ

# ଟିକା ଟୋକନ ଅବ୍ୟବସ୍ଥା, ଉତ୍ତେଜନା

କଟକ ଅଫିସ,୧୧।୫

କଟକ ମହାନଗର ନିଗମ (ସିଏମ୍‌ସି)ର ବିଭିନ୍ନ ଟିକାକରଣ କେନ୍ଦ୍ରରେ ମଙ୍ଗଳବାର ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଟିକା ଟୋକନକୁ ନେଇ କେତେକ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସିଟି ହସ୍ପିଟାଲରେ ସକାଳ ୪ଟାରୁ ଲୋକେ ଟୋକନ ପାଇଁ ଧାଡ଼ିରେ ଠିଆ ହୋଇଥିଲେ। ସକାଳ ୮ଟା ୩୦ରେ ଦ୍ୱିତୀୟ ଡୋଜ୍ ଟିକା ପାଇଁ ୨୦୦ଟି ଟୋକନକୁ ୧୨୦ ଜଣଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। କେତେଜଣ ନିର୍ଦ୍ଦିଷ୍ଟ ଲୋକଙ୍କୁ ୩ରୁ ୪ଟି ଲେଖାଏ ଟୋକନ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇଥିବା ଶହ ଶହ ଲୋକ ଟିକା ପାଇବାରୁ ବଞ୍ଚିତ ହୋଇଥିଲେ। ଦ୍ୱିତୀୟ ଡୋଜ୍ ଟିକା ୬୦ ଦିନ ମଧ୍ୟରେ ନ ନେଲେ ପ୍ରଥମ ଡୋଜ୍ ଟିକା ପ୍ରଭାବ ରହିବ ନାହିଁ ବୋଲି ବିଶେଷଜ୍ଞ ମତଦେଇଛନ୍ତି। କିନ୍ତୁ କାଜିବାରସ୍ଥିତ ଜଗନ୍ନାଥ ବଲ୍ଲଭ ଅଞ୍ଚଳର ଅକ୍ଷୟ କୁମାରି ପୃଷ୍ଟିଙ୍କ ପ୍ରଥମ ଡୋଜ୍ ଟିକା ନେବାର ୫୭ ଦିନ ବିତିଯାଇଥିବାବେଳେ ମଙ୍ଗଳବାର ଦୀର୍ଘ ସମୟ ଧରି ଲାଇନରେ ଠିଆ ହୋଇ ମଧ୍ୟ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଟିକା ଟୋକନ ବଣ୍ଟନରେ ପ୍ରିୟାପ୍ରୀତି ତୋଷଣ ନେଇ ସେ ଅଭିଯୋଗ କରିଛନ୍ତି। ସେହିଭଳି କଟକ ବଡ଼ ମେଡ଼ିକାଲରେ ରାତି ୩ଟାରୁ ଟୋକନ ନେବା ପାଇଁ ଲୋକ ଲାଇନରେ ଆସି ଛିଡ଼ା ହୋଇଥିଲେ। ହେଲେ ସକାଳେ ୪୪ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅପରାହ୍ନରେ ଟିକା ଦିଆଯିବ ବୋଲି କୁହାଯିବାରୁ ବୟସ୍କ ଲୋକ ଅସନ୍ତୋଷରେ ଘରକୁ ଫେରିଥିଲେ।

# ଚୋରି ଟିକା ଜବତ ପରେ ଲୋକଙ୍କୁ ଦିଆଗଲା

ନିଆଳି,୧୧।୫(ଡି.ଏନ୍.ଏ.)

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ଚୋରି ତଥା ହେରଫେର ଘଟଣାକୁ ମାନିଲେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ଏସ୍. ନବୀନ। ଚୋରି ହୋଇଥିବା ଟିକାକୁ ଜଣେ ମହିଳା କର୍ମଚାରୀଙ୍କଠାରୁ ଜବତ କରାଯିବା ପରେ ଲୋକଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଅନଧିକାର ଭାବେ ଟିକା କେନ୍ଦ୍ରରେ ପଶିଥିବା ମହିଳାଙ୍କୁ ତାଗିଦ କରାଯାଇ ଆଗାମୀ ଦିନରେ ତାଙ୍କୁ କେନ୍ଦ୍ରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପୁନରାବୃତ୍ତି ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୁଖ୍ୟ ଚିକିତ୍ସାଧିକାରୀ ଡା. ନବୀନ। ସୂଚନାଯୋଗ୍ୟ, ସୋମବାର ନିଆଳିରେ ଟିକାକରଣ ଚାଲିଥିବାବେଳେ ପ୍ରବଳ ଲୋକଙ୍କ ଭିଡ଼ ଜମିଥିଲା। ଏହା ଭିତରେ ଜଣେ ମହିଳା କର୍ମଚାରୀ ଟିକା ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଲୋକେ ତାଙ୍କୁ ଧରି ଡାକ୍ତରଙ୍କ ଜିମା ଦେଇଥିଲେ। ଏହାକୁ ନେଇ ଟିକାକେନ୍ଦ୍ର ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଲୋକେ ଚେତାବନୀ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ସହାୟତା ପାଇଁ ନଂ. ୮୦୯୩୦୨୮୧୦୦

ଭୁବନେଶ୍ୱର,୧୧।୫(ବ୍ୟୁରୋ)

ଲକ୍‌ଡାଉନ ଓ ଶଟ୍‌ଡାଉନରେ ହଇରାଣ ହେବେନି ବରିଷ୍ଠ ନାଗରିକ। ଏଥିପାଇଁ ହେଲ୍ପ ଲାଇନ ନମ୍ବର-୮୦୯୩୦୨୮୧୦୦' ଜାରି କରିଛି କମିଶନରେଟ୍ ପୋଲିସ। ଏହି ନମ୍ବରରେ କଲ୍ କଲେ ପୋଲିସ ସହାୟତା ଯୋଗାଇ ଦେବ। ଦ୍ୱୈତନଗରୀରେ ୨୫ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ବରିଷ୍ଠ ନାଗରିକ ଅଛନ୍ତି। ଏମାନଙ୍କ ସୁରକ୍ଷା କମିଶନରେଟ ପୋଲିସର ଗୁରୁଦାୟିତ୍ୱ। ବଡ ସମସ୍ୟା ଥିଲେ ନିଶ୍ଚୟ ହେଲ୍ପ ଲାଇନକୁ କଲ କରିବାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବରିଷ୍ଠ ନାଗରିକଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଗତ ୫ଦିନ ହେବ ପ୍ରତ୍ୟହ ୭୦ରୁ ୮୦ଜଣ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ପୋଲିସ ସୁବିଧା ଅସୁବିଧା ବୁଝିଥିବା ସେ କହିଛନ୍ତି।

### ପରିବା ହାଟରେ ଚଢ଼ାଉ: ଜରିମାନା, ବାଇକ୍ ଜବତ

ଭୁବନେଶ୍ୱର,୧୧।୫(ବ୍ୟୁରୋ): ଅମାନିଆଙ୍କ ପାଇଁ ସଂକ୍ରମଣ ବଢୁଛି। ତେଣୁ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ଝାରପଡା, ବଡଗଡ ଓ ବ୍ରହ୍ମେଶ୍ୱର ପାଟଣା ହାଟରେଚଢ଼ାଉକରାଯାଇଥିଲା।ଚାଲିଚାଲିନଆସିବାଇକରେପରିବାକିଣିବାକୁଆସିଥିବାରୁ ୧୫ଟି ବାଇକକୁ କ୍ରେନ ସାହାଯ୍ୟରେ ଉଠାଇ ନିଆଯାଇଥିଲା। ସେହିଭଳି ୩୫ ଜଣଙ୍କଠାରୁ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତ୍ୱ ନ ମାନିବା ଓ ଚାଲିଚାଲି ଆସିବା ବଦଳରେ ବାଇକରେ ଆସିଥିବା ବାବଦକୁ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଡିସିପି(ସୁରକ୍ଷା) ନିର୍ମଳ ଶତପଥୀଙ୍କ ନେତୃତ୍ୱରେ ଏସିପି ରଜତ ରାୟ, ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି,ବଡଗଡ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ଚଢ଼ାଉରେ ସାମିଲ ଥିଲେ।

# ପୁଅ ମୃତ୍ୟୁ ଶୁଣି ଆଖିବୁଜିଲେ ମା'

ନିଶ୍ଚିନ୍ତକୋଇଲି, ୧୧।୫(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଖବରପାଇବା ପରେ ମା'ଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଝାଡେଶ୍ୱର ପଞ୍ଚାୟତ ନରୁଆ-ମଙ୍ଗଳପୁର ଗ୍ରାମର ଅକ୍ଷୟ କାଣ୍ଡି(୫୨) ଓ ତାଙ୍କ ମା' ରଙ୍ଗଲତା କାଣ୍ଡି(୭୫)। ପରିବାର ଲୋକେ ମୃତଦେହ ନ ଛୁଇଁବାରୁ ପ୍ରଶାସନ ପକ୍ଷରୁ ଉଭୟଙ୍କ ମୃତଦେହ ସଂସ୍କାର କରାଯାଇଛି। ଅକ୍ଷୟ ଶନିବାର ପଜିଟିଭ୍ ଚିହ୍ନଟ ହେବାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଗୃହସଙ୍ଗରୋଧରେ ଥିଲେ। ସୋମବାର ଶ୍ୱାସରୁଦ୍ଧ ହୋଇ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ପୁଅ ମୃତ୍ୟୁ ଖବର ଶୁଣିବା ପରେ ମା' ରଙ୍ଗଲତା ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହି ସମୟରେ ତାଙ୍କ ହୃଦ୍‌ଘାତ ହୋଇଥିଲା। ଫଳରେ ରଙ୍ଗଲତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସଂକ୍ରମଣ ଆଶଙ୍କାରେ ପରିବାର ଲୋକେ ଉଭୟଙ୍କ ମୃତଦେହ ଛୁଇଁ ନ ଥିଲେ। ଏହି ଖବର ବ୍ଲକ ପ୍ରଶାସନ ନିକଟରେ ପହଞ୍ଚିବା ପରେ ନିଶ୍ଚିନ୍ତକୋଇଲି ବିଡିଓ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ମାନସ ରଞ୍ଜନ ତରାସିଆ, ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ଜିପିଓ ଜନ୍ମେଜୟ ରାଉତ ଝାଡେଶ୍ୱରପୁରରେ ପହଞ୍ଚି ଉଭୟଙ୍କ ମୃତଦେହକୁ କୋଭିଡ୍ ଉଦ୍ଦେଶ୍ୟରେ ହୋଇଥିବା ସ୍ୱତନ୍ତ୍ର ଶ୍ମଶାନକୁ ଆଣି ଗାଇଡ୍‌ଲାଇନ ଅନୁସାରେ ସଂସ୍କାର କରାଇଥିଲେ।

# କାଠମିସ୍ତ୍ରିଙ୍କ ମୃତଦେହ ଜବତ ଘଟଣା: ୩ ସହକର୍ମୀଙ୍କୁ ଜେରା

ଭୁବନେଶ୍ୱର(ବ୍ୟୁରୋ)/
ପୁରୁଣା ଭୁବନେଶ୍ୱର,୧୧।୫(ଡି.ଏନ.ଏ)

ଧଉଳି ଥାନା ଅଧୀନ ସରଦେଇପୁର ଡାକବଙ୍ଗଳା ନିକଟରୁ କାଠମିସ୍ତ୍ରୀ ଜଗନ୍ନାଥ ମହାରଣାଙ୍କ ମୃତଦେହ ଜବତ ଘଟଣାରେ ପୋଲିସ ମଙ୍ଗଳବାର ୩ଜଣଙ୍କୁ ଅଟକ ରଖିଛି। ଜଗନ୍ନାଥ କାହା ସହ କଥା ହେଉଥିଲେ, ତାଙ୍କର କାହା ସହ ଶତ୍ରୁତା ଥିଲା, ଏଭଳି ଅନେକ ଦିଗକୁ ନେଇ ପୋଲିସ ପଚରାଉଚରା କରୁଛି। ଜଗନ୍ନାଥଙ୍କ ପରିବାରଲୋକେ ବୁଧବାର ଧଉଳି ଥାନାରେ ପହଞ୍ଚିବା ପରେ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଗନ୍ନାଥଙ୍କ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଜଗନ୍ନାଥଙ୍କ ମୋବାଇଲ୍ ଶେଷ ଲୋକେସନ ଭାର୍ଗବୀ କୂଳରେ ଦେଖାଉଛି। ତାଙ୍କ ମୋବାଇଲକୁ କେହି ସ୍ୱିଚ୍‌ଅଫ୍ କରି ନଦୀରେ କିମ୍ବା ସ୍ଥାନୀୟ ଅଞ୍ଚଳରେ ଫିଙ୍ଗିଥିବା ସନ୍ଦେହ କରାଯାଉଛି।

### ମୋବାଇଲ ଖୋଜୁଛି ପୋଲିସ

ମଙ୍ଗଳବାର ପୋଲିସ ଉକ୍ତ ଅଞ୍ଚଳକୁ ଯାଇ ମୋବାଇଲକୁ ଖୋଜିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପୁରୀ ଅଞ୍ଚଳର ଜଣେ ମାଳିକଙ୍କ ପାଖରେ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ଜଗନ୍ନାଥ କାମ କରନ୍ତି। କିଛିଦିନ ତଳେ ସମ୍ପୃକ୍ତ ମାଳିକ ଜଗନ୍ନାଥଙ୍କୁ ବଡ଼ଗଡ଼ସ୍ଥିତ ତାଙ୍କ ଶ୍ୱଶୁର ଘରେ କାମ କରିବାକୁ ପଠାଇବା ସହ ତାଙ୍କ ସ୍କୁଟି ଚଳାଇବାକୁ ଦେଇଥିଲେ। ସୋମବାର ଜଗନ୍ନାଥଙ୍କ ମୃତଦେହ ସରଦେଇପୁର ଡାକବଙ୍ଗଳା ନିକଟରେ ପଡ଼ିଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ କାନମୂଳ ଓ ମୁହଁରେ କ୍ଷତ ଚିହ୍ନ ରହିଥିବା ବେଳେ ତାଙ୍କୁ ଧାରୁଆ ଅସ୍ତ୍ରରେ ଭୁସି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ଏକ ମାମଲା (ନଂ.୮/୨୧) ରୁଜୁ ହୋଇଛି।

# ରାସ୍ତା ଅବରୋଧ, ଉଦ୍ଧାର ହେଲେ ଅପହୃତ

ଖୁଣ୍ଟୁଣୀ/ଆଠଗଡ଼,
୧୧।୫ (ଡି.ଏନ୍.ଏ./ସ୍ୱ.ପ୍ର.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ଗ୍ରାମର ଜଣେ ଯୁବକଙ୍କୁ ଅପହରଣ ନେଇ ସରପଞ୍ଚ ସାବିତ୍ରୀ ରାଉତଙ୍କ ଘରେ ଭଙ୍ଗାରୁଜା ଘଟଣା ତୀବ୍ରତର ହେବାରେ ଲାଗିଛି। ମହାକାଳବସ୍ତ ଗ୍ରାମର ରାଜେନ୍ଦ୍ର ପୁହାଣଙ୍କୁ ପୂର୍ବଶତ୍ରୁତାକୁ ନେଇ ସରପଞ୍ଚଙ୍କ ପୁଅ ଅପହରଣ କରିଥିବା ରାଜେନ୍ଦ୍ରଙ୍କ ସ୍ତ୍ରୀ ଚିନ୍ମୟୀ ଅଭିଯୋଗ କରିଥିଲେ। ଅଭିଯୋଗର ୧୮ ଘଣ୍ଟା ପରେ ଅପହୃତ ରାଜେନ୍ଦ୍ର ଖୋର୍ଦ୍ଧା ଜିଲାର ପାଟକୁରା ଅଞ୍ଚଳରେ ଥିବା ଖବରପାଇ ଖୁଣ୍ଟୁଣୀ ପୋଲିସ ତାଙ୍କୁ ମଙ୍ଗଳବାର ଉଦ୍ଧାର କରି ଆଣିଥିବା ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ସରପଞ୍ଚଙ୍କ ପୁଅଙ୍କୁ ଗିରଫ କରିବା ଦାବିରେ ଚିନ୍ମୟୀଙ୍କ ସମେତ ଗ୍ରାମବାସୀ ସୋମବାର ରାତିଠାରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଘଣ୍ଟିଖାଲ-ଆଠଗଡ ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାରେ ଯାଉଥିବା ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା।



### ସରପଞ୍ଚଙ୍କ ପୁଅଙ୍କୁ ଗିରଫ ଦାବି

ଖବରପାଇ ଆଡିଶନାଲ ଏସ୍‌ପି ପି.କେ. ଜେନା ଓ ଉପଜିଲାପାଳ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ, ଖୁଣ୍ଟୁଣୀ ଥାନାଧିକାରୀ ଦାସ, ଆଠଗଡ଼, ଟାଙ୍ଗୀ ଥାନା ଅଧିକାରୀ ପ୍ରମୁଖ ପୂର୍ବାହ୍ନ ୧୦ଟାରେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ରାସ୍ତାରୁ ହଟିଥିଲେ। ଉତ୍ତେଜନା ପରିସ୍ଥିତିକୁ ଦେଖି ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଅପରପକ୍ଷେ ସରପଞ୍ଚଙ୍କ ଘରେ ଭଙ୍ଗାରୁଜା ହୋଇଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ସରପଞ୍ଚଙ୍କ ପୁଅ ଗ୍ରାମରେ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ସୋମବାର ରାତିରେ ସରପଞ୍ଚ ରାଉଳଙ୍କ ଘରେ ଶତାଧିକ ଲୋକ ପଶି ଭଙ୍ଗାରୁଜା କରିବା ସହ ତାଙ୍କ ପୁଅଙ୍କ କାର୍ ଜାଳି ଦେଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଘଟଣାର ତଦନ୍ତ ଚଳାଇଛନ୍ତି। ଅନ୍ୟପଟେ ରାଜେନ୍ଦ୍ରଙ୍କ ବାଇକ୍ ଓ ଫୋନ ଦହିସରା ବ୍ରିଜ ପାଖରେ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣି ତାଙ୍କ ସ୍ତ୍ରୀ ଚିନ୍ମୟୀ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୦/୨୧) ରୁଜୁ କରିଥିଲା।

# ମାମଲା ରୁଜୁ ପରେ ଖବରଦାତାଙ୍କ ସମୂହ ଧାରଣା

ନିଶ୍ଚିନ୍ତକୋଇଲି, ୧୧।୫(ସ୍ୱ.ପ୍ର.)

କାର୍ଯ୍ୟରତ ଖବରଦାତାଙ୍କ ବିରୋଧରେ ମାମଲା ରୁଜୁ ପ୍ରତିବାଦରେ ନିଶ୍ଚିନ୍ତକୋଇଲି ଥାନା ସମ୍ମୁଖରେ ମଙ୍ଗଳବାର ସମୂହ ଧାରଣା ଦିଆଯାଇଥିଲା। ଏଥିରେ ସାଲେପୁର, ମାହାଙ୍ଗା, କିଶୋରନଗର ଓ ନିଶ୍ଚିନ୍ତକୋଇଲିର ବହୁ ଖବରଦାତା ସାମିଲଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗଗନ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ନ ଦେଇ କେନ୍ଦ୍ରାପଡା ଜିଲା ଗଗୁଆ ଅଞ୍ଚଳର ଅନ୍ୟ ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଏନେଇ ପ୍ରଥମ ସ୍ତ୍ରୀ ନିକିରେଇ ଥାନାରେ ମାମଲା (ନଂ.୧୧୨/୨୦) ରୁଜୁ କରିଥିଲେ। ମେ'୩ ରେ ଦ୍ୱିତୀୟ ସ୍ତ୍ରୀଙ୍କୁ ସଙ୍ଗରେ ଧରି ଗଗନ ନିଶ୍ଚିନ୍ତକୋଇଲି ବଜାରରେ ବୁଲୁ ଥିବା ବେଳେ ନିକିରେଇ ଥାନା ଅଧିକାରୀ କାବୁଲି ବାରିକ ସେଠାରେ ପହଞ୍ଚି ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଥାନାକୁ ନେଇଥିଲେ। ଖବରପାଇ ସେଠାରେ ପ୍ରଥମ ସ୍ତ୍ରୀ ପହଞ୍ଚି ଗଗନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହି ସମୟରେ କେତେଜଣ ଖବରଦାତା ମାଡ଼ ମାରିବା ଦୃଶ୍ୟର ଫଟୋ ଉତ୍ତୋଳନ କରିଥିଲେ। ଏନେଇ ନିଶ୍ଚିନ୍ତକୋଇଲି ଥାନା ସବ୍‌ଇନ୍ସପେକ୍ଟର ଓ ସମ୍ପୃକ୍ତ ଖବରଦାତାଙ୍କ ବିରୋଧରେ ଗଗନଙ୍କ ଦ୍ୱିତୀୟ ସ୍ତ୍ରୀ ମେ' ୪ରେ ଅନ୍‌ଲାଇନ୍ ଯୋଗେ ନିଶ୍ଚିନ୍ତକୋଇଲି ଥାନା, ଓଡ଼ିଶା ମାନାବାଧିକାର କମିଶନର ଓ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଦ୍ୱାରା ଗଗନଙ୍କ ମାନବାଧିକାର କ୍ଷୁଣ୍ଣ ହୋଇଛି ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୬୨/୨୧) ରୁଜୁ ହୋଇଛି। ମାମଲା ରୁଜୁ ପରେ ଖବରଦାତାମାନେ ଏହାକୁ ବିରୋଧ କରିଛନ୍ତି। ସାଲେପୁର ଏସ୍‌ଡିପିଓ ରଞ୍ଜିତ ପୃଷ୍ଟି ଓ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡା ପହଞ୍ଚି ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ପଥରକୁ ଧକ୍କାଦେଇ ଜଳିଗଲା କାର**

ଯାଁଳା,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଅଞ୍ଚଳରେ ସୋମବାର ରାତିରେ ପଥରକୁ ଧକ୍କା ଦେଇ ଏକ କାର୍ ଜଳିଯାଇଛି। କାର ଚାଳକ ଓ ଅନ୍ୟ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଧକ୍କା ହେବା ପରେ ଶଟ୍ ସର୍କିଟ୍ ଯୋଗୁ କାର୍ ଜଳିଥାଇପାରେ ବୋଲି ଅନୁମାନ କରାଯାଉଛି।



## ସଂକ୍ଷେପରେ

### କଟୁରି ଚୋଟରେ ବାପ-ପୁଅ ଗୁରୁତର

**ଖୋର୍ଦ୍ଧା ଅଫିସ,୧୧।୫:** ଖୋର୍ଦ୍ଧା ନିଜିଗଡ଼ ତାପଙ୍ଗରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। କଟୁରି ଚୋଟରେ ବାପ-ପୁଅ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ଏହି ଗ୍ରାମର ସୁବାସ ଚନ୍ଦ୍ର ଛୋଟରାୟ ଓ ପୁଅ ରାକେଶ। ଏମାନଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୭୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିଜିଗଡ଼ ତାପଙ୍ଗ ଗ୍ରାମର ସୁବାସଙ୍କ ସହିତ ଉକ୍ତ ଗ୍ରାମର ରବିନାରାୟଣ ଛୋଟରାୟଙ୍କ ମଧ୍ୟରେ ଆମ୍ବ ତୋଳିବାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିଥିଲା। ସୁବାସ ଓ ପୁଅ ରାକେଶ ବାଇକ୍ ନେଇ ଯାଉଥିବା ବେଳେ ପୂର୍ବରୁ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଥିବା ରବିନାରାୟଣ ହଠାତ୍ ଉଭୟଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ବାପ-ପୁଅ ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୫:** ଜଣେ ୧୬ ବର୍ଷୀୟା ବାଳିକାଙ୍କୁ ଅପହରଣ ଅଭିଯୋଗରେ ଖୋର୍ଦ୍ଧା ଶିକ୍ଷାଞ୍ଚଳ ଫାଣ୍ଡି ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲାର ମାନସ କୁମାର ନାୟକ(୨୧)। ସୂଚନା ମୁତାବକ, ଶିକ୍ଷାଞ୍ଚଳ ଫାଣ୍ଡି ଅଞ୍ଚଳରେ ଜଣେ ପରିବାର ଭଡ଼ାରେ ରୁହନ୍ତି। ଏପ୍ରିଲ ୨୯ରେ ଉକ୍ତ ପରିବାରର ଜଣେ ନାବାଳିକାଙ୍କୁ ଅପହରଣ କରି ନେଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ମଙ୍ଗଳବାର ପୋଲିସ ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଧରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଫାଣ୍ଡି ଅଧିକାରୀ ଦିଗ୍ବିଜୟ ବିଶ୍ୱାଳ କହିଛନ୍ତି।

### ୪୧ ଖବରଦାତା ନେଲେ ଟିକା

**ଟାଙ୍ଗୀ(ଖୋର୍ଦ୍ଧା),୧୧।୫(ଡି.ଏନ୍.ଏ.):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଟାଙ୍ଗୀ ଅଞ୍ଚଳର ସମସ୍ତ ଖବରଦାତାଙ୍କୁ କୋଭିଡ୍ ଟିକା ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଜିତେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଟିକାକରଣ କରାଯାଇଥିଲା। ଖବରଦାତା ରଘୁନାଥ ସାହୁ, ମାନସ ବଳିୟାରସିଂହ, ସରୋଜ ପାଇକରାୟ, ମନୋଜ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ରଣାଙ୍କ ସମେତ ୪୧ଜଣ ଟିକା ନେଇଥିଲେ। କାର୍ଯ୍ୟକ୍ରମରେ ହେଲ୍ଥ ଅଫିସର ଝୁମାରାଣୀ ଚକ୍ରବର୍ତ୍ତୀ, ସରିତା ସାହୁ, ସସ୍ମିତା ମହାରଣା ସହଯୋଗ କରିଥିଲେ।

# ପରିବାର ଚିନ୍ତାରେ ରିକ୍ସାଚାଳକ

**ଖୋର୍ଦ୍ଧା ଅଫିସ,୧୧।୫**

କୋଭିଡ୍ ନିୟନ୍ତ୍ରଣ ଲାଗି ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଏବଂ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦେଲେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ଲକ୍‌ଡାଉନ ପାଇଁ ପ୍ରଭାବିତ ହେଉଛନ୍ତି ଖୋର୍ଦ୍ଧା ସହରର ରିକ୍ସା ଓ ଟ୍ରଲି ଚାଳକ। ଏମାନଙ୍କ ବେପାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଦୈନିକ ଖଟିଲେ ପରିବାର ଚଳାଉଥିବା ବ୍ୟକ୍ତିଙ୍କ ଦୁର୍ଦ୍ଦଶା ଦ୍ୱିଗୁଣ ହୋଇଛି। ହାତରେ ଅନ୍ୟ କୌଣସି କାମ ନ ଥିବାରୁ ପରିବାର କିପରି ଚଳିବ ସେ ନେଇ ଚାଳକମାନେ ଚିନ୍ତାରେ ରହିଛନ୍ତି। ଏମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

ଖୋର୍ଦ୍ଧା ସହରରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ରିକ୍ସାଚାଳକ ଅଛନ୍ତି। ଲକ୍‌ଡାଉନ ଯୋଗୁ ଦିନକୁ ଶହେ ଟଙ୍କା ବି ରୋଜଗାର ହେଉନି। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲାରହୁଛି। ଟ୍ରଲି ଚାଳକ କିଶାନ ନାୟକ କହିଛନ୍ତି, ଦୋକାନ ଖୋଲୁ ନ ଥିବାରୁ କାମ ମିଳୁନି। ପରିବାରରେ ୪ ପ୍ରାଣୀ ମୋ ଉପରେ ନିର୍ଭର କରନ୍ତି। ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ ଦେଲେ ଅନ୍ୟ ଦୋକାନ ବନ୍ଦ ରହୁଥିବାରୁ କାମ ମିଳୁନି। କେବଳ ଗୋଦାମରୁ ପରିବା ବୋହିବା ପରିବର୍ତ୍ତେ ଅନ୍ୟ କୌଣସି କାମ ମିଳୁନାହିଁ। ମୋ ଭଳି ବହୁ ଚାଳକ କେବଳ ପରିବା ବୋହିବା ପରିବର୍ତ୍ତେ ଅନ୍ୟ କିଛି କାମ ପାଉନାହାନ୍ତି। ସେହିପରି ସୁଶାନ୍ତ ବେହେରା, ଅମିତ ସାହୁ, ଗଣେଶ ପ୍ରଧାନ ପ୍ରମୁଖ କହିଛନ୍ତି, ସମବାୟ ଛକରେ ରିକ୍ସା ଲଗାଇ ଗ୍ରାହକଙ୍କ ଅପେକ୍ଷା ରହୁଛି। ଗୋଟିଏ ପଟେ ଲକ୍‌ଡାଉନ ଅନ୍ୟପଟେ କାମ ନାହିଁ। ପୁଣି ଯାହା ବି କାମ ମିଳୁଛି, ପରିଶ୍ରମ ତୁଳନାରେ ମଜୁରି ମିଳୁନି। ହାତରେ କାମଧନ୍ଦା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେଲାଣି। ଆମ ପରିବାର କିପରି ଚାଲିବ, ସେନେଇ ଆଶଙ୍କା ରହୁଛି।

**ଲକ୍‌ଡାଉନରେ ରୋଜଗାର ଠପ୍**



ଗ୍ରାହକଙ୍କୁ ଅପେକ୍ଷା କରି ବସିଥିବା ରିକ୍ସା ଓ ଟ୍ରଲି ଚାଳକ।

#### ଦିନକରେ ୫୦ ଟଙ୍କା ହେଉନି

ଗୁରୁଜଙ୍ଗର ରିକ୍ସାଚାଳକ ଅଧିକାରୀ ଭୋଇ କୁହନ୍ତି, ଖୋର୍ଦ୍ଧା ସହରରେ ଦିନରାତି ରିକ୍ସା ଗଡିଥାଏ। ଦିନକୁ ୨ରୁ ୩ଶହ ଟଙ୍କା ରୋଜଗାର ହେଉଥିଲା। ଲକ୍‌ଡାଉନ ଯୋଗୁ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହୁଛି। ବସ ଚଳାଚଳ ନ ଥିବାରୁ ଗ୍ରାହକ ମିଳୁନାହାନ୍ତି। ଦିନକୁ ୫୦ଟଙ୍କା ମଧ୍ୟ ରୋଜଗାର ହେଉନାହିଁ। ଗତ ୧ ତାରିଖରୁ ମଙ୍ଗଳବାର ସୁଦ୍ଧା ୫ଶହ ଟଙ୍କା ରୋଜଗାର କରିଛି। ସେଥିରେ ପରିବାର ଚଳିବା କଷ୍ଟକର। ସଂକ୍ରମଣ ଭୟରେ ଲୋକେ ରିକ୍ସାରେ ବସିବାକୁ ଭୟ କରୁଛନ୍ତି। ରାସ୍ତାରେ ଯାଉଥିବା ଲୋକଙ୍କୁ କମ୍ ଟଙ୍କାରେ ବସିବାକୁ କହିଲେ ମଧ୍ୟ ରାଜି ହେଉନାହାନ୍ତି।

# ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୋବାଇଲ ୟୁନିଟ୍ ଟିମ୍



**ଖୋର୍ଦ୍ଧା ଅଫିସ,୧୧।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲାର ୧୯୦ ପଞ୍ଚାୟତ ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ବିଡିଓଙ୍କ ସହ ଭର୍ଚୁଆଲ୍‌ରେ କୋଭିଡ୍ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଛି। ଜିଲାର ବାଲକାଟୀଠାରେ କୋଭିଡ୍ ମେଡିକାଲ ରହିଛି। ଖୁଦୁପୁରଠାରେ ଏକ କୋଭିଡ୍ କେୟାର ସେଣ୍ଟର(ସିସିସି) ରହିଛି। ବାଲକାଟୀ ମଞ୍ଜରୀଦେବୀ ହୋମିଓପାଥିକ ହସ୍ପିଟାଲରେ ଏକ ସିସିସି ଖୋଲିବା ଲାଗି ଯୋଜନା ରହିଛି ବୋଲି ଜିଲାପାଳ ସନତ୍ ମହାନ୍ତି କହିଛନ୍ତି। ଏହାର ସ୍ଥିତି ଅନୁଧ୍ୟାନ କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ଗରିବ, ଅବହେଳିତ, ମାନସିକ ବିକୃତ ବ୍ୟକ୍ତିଙ୍କୁ ରନ୍ଧାଖାଦ୍ୟ ଦେବା ଆରମ୍ଭ ହୋଇଛି। ଜଟଣୀ ରେଲୱେ ଷ୍ଟେଶନ ଏବଂ ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ପ୍ରଶାସନ ଜରିଆରେ ରନ୍ଧାଖାଦ୍ୟ ଦିଆଯାଉଛି। ଜିଲାରେ ରାପିଡ୍ ରେସପନ୍ସ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷଣ ସହ ସଚେତନତା କରୁଛନ୍ତି। ଏଥିସହ ଜିଲାରେ ୧୧ଟି ମୋବାଇଲ ରାପିଡ ରେସନ୍ସ ଟିମ୍ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ବିଭିନ୍ନ ବ୍ଲକ ଅଞ୍ଚଳରେ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ସଂକ୍ରମିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଔଷଧ କିଟ୍ ବଣ୍ଟନ କରୁଛନ୍ତି। ଏଥିସହ ଭର୍ଚୁଆଲରେ ପର୍ଯ୍ୟାୟକ୍ରମେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଉଛି।

**ବାଲକାଟୀରେ ହେବ କୋଭିଡ୍ କେୟାର ସେଣ୍ଟର**

#### ଦିନକରେ ୧୮୭ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ/ବାଣପୁର, ୧୧।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଚବିଶ ଘଣ୍ଟାରେ ୧୮୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩୮, ବାଲିପାଟଣା ୩୦, ଭୁବନେଶ୍ୱର ବ୍ଲକ ୧୪, ଜଟଣୀ ୨୨, ଖୋର୍ଦ୍ଧା ୧୩, ବେଗୁନିଆ ୯, ବୋଲଗଡ଼ ୧୯, ଟାଙ୍ଗୀ ୨୫, ଚିଲିକା ୧୨ ଏବଂ ବାଣପୁରର ୫ଜଣ ରହିଛନ୍ତି। ଅନ୍ୟପକ୍ଷେ ବାଣପୁର ଅଗ୍ନିଶମ କେନ୍ଦ୍ରରେ କାର୍ଯ୍ୟରତ ଦୁଇଜଣ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଆକ୍ରାନ୍ତ ଦ୍ୱୟ ମୋଟ ୧୩ଜଣ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ସମସ୍ତଙ୍କ କୋଭିଡ୍ ପରୀକ୍ଷା କରାଯିବ। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଅଗ୍ନିଶମ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ରାଉତ କହିଛନ୍ତି।

# ମେଧାବୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ

**ନିମାପଡ଼ା, ୧୧।୫(ଡି.ଏନ.ଏ.)**

ନିମାପଡ଼ା ସରସ୍ୱତୀ ଶିଶୁମନ୍ଦିରର ପୂର୍ବତନ ଛାତ୍ର ସ୍ୱସ୍ତି ସୁମନ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସମାରୋହ ମଙ୍ଗଳବାର କୋଭିଡ୍ କଟକଣାରେ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଶିକ୍ଷକ ନିର୍ମଳ ମିଶ୍ର, ବିଜେଡି ନେତା ତଥା ସ୍ୱର୍ଗତ ଛାତ୍ର ଦାଶଙ୍କ ପିତା ସନ୍ତୋଷ ଦାଶ, ସାମାଜିକ କର୍ମୀ ସରୋଜ ଦାଶ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦିଲୀପ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଛାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗତବର୍ଷ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୩ ମେଧାବୀ ଛାତ୍ରୀଛାତ୍ର ରୋଜାଲିନ ସାହୁ, ଅନନ୍ୟା ପଟ୍ଟନାୟକ ଓ ଶ୍ରୀକୃଷ୍ଣ ରଞ୍ଜନ ପାତ୍ରଙ୍କୁ ମନ୍ତ୍ରୀ ଦାଶ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ନେତା ସନ୍ତୋଷ ଦାଶ ଶିଶୁ ମନ୍ଦରକୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମକର୍ତ୍ତା ଯୋଗଦେଇଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ଅନ୍ୟ ଅତିଥି।

#### ରେସିଙ୍ଗା ୭ଦିନ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ବଳଙ୍ଗା,୧୧।୫(ଡି.ଏନ୍.ଏ.)**

ବଳଙ୍ଗା ଥାନା ଅଧୀନ ରେସିଙ୍ଗା ଗ୍ରାମର ୧୭ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ନିମାପଡ଼ା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କୁଅଁର ମୁର୍ମୁ ଉକ୍ତ ଗ୍ରାମକୁ ୭ଦିନ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଗ୍ରାମର ପ୍ରବେଶ ପଥକୁ ସିଲ୍ କରାଯାଇଛି। ବାହାର ଲୋକେ ଉକ୍ତ ଗ୍ରାମକୁ କେହି ନ ଯିବା ପାଇଁ କଟକଣା ଜାରି କରାଯାଇଛି। ସରପଞ୍ଚ ଓ ଅଙ୍ଗନୱାଡି କର୍ମୀ ଉକ୍ତ ଗ୍ରାମ ଉପରେ ନଜର ରଖିଛନ୍ତି।

# ଜିଲାକୁ ଫେରିଛନ୍ତି ୭୫୩ ପ୍ରବାସୀ

**ଖୋର୍ଦ୍ଧା ଅଫିସ,୧୧।୫**

ଖୋର୍ଦ୍ଧା ଜିଲା (ଭୁବନେଶ୍ୱର ମହାନଗର ନିଗମକୁ ବାଦ୍ ଦେଇ) ରେ କରୋନା ସଂକ୍ରମଣ ବଢ଼ି ଚାଲିଛି। ଦୈନିକ ସଂକ୍ରମଣ ୩ଶହ ଟପିଲାଣି। ଧୀରେ ଧୀରେ ପ୍ରବାସୀମାନେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ଜିଲାର ୧୦ଟି ବ୍ଲକ ଏବଂ ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ ସମେତ ୨ଟି ଏନ୍‌ଏସିରେ ସୋମବାର ସୁଦ୍ଧା ୭୫୩ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି। ସୋମବାର ୫୯ଜଣ ପ୍ରବାସୀ ଫେରିଛନ୍ତି। ବାଲିଅନ୍ତା ବ୍ଲକ ୪, ବାଲିପାଟଣା ୩୨, ବାଣପୁର ୨୮୬, ବେଗୁନିଆ ୭୫, ଚିଲିକା ୧୩୭, ଜଟଣୀ ୨୩, ଟାଙ୍ଗୀ ବ୍ଲକକୁ ୯୭ଜଣ ଫେରିଛନ୍ତି। ଭୁବନେଶ୍ୱର ବ୍ଲକ ଏବଂ ଖୋର୍ଦ୍ଧା ବ୍ଲକକୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରବାସୀ ଫେରି ନ ଥିବା ଜଣାପଡିଛି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳକୁ ୭, ଜଟଣୀ ପୌରାଞ୍ଚଳ ୧୯, ବାଣପୁର ଏନ୍‌ଏସି ୩୩ ଏବଂ ବାଲୁଗାଁ ଏନ୍‌ଏସିକୁ ୪୦ଜଣ ପ୍ରବାସୀ ଫେରିଥିବା ଜିଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ କରୋନାର ପ୍ରଥମ ଲହର ପରି ଦ୍ୱିତୀୟ ଲହରରେ ପ୍ରବାସୀମାନେ ଚିନ୍ତା ବଢ଼ାଇବା ନେଇ ଆଶଙ୍କା କରାଯାଉଛି।

### ୨୯ କ୍ଲଷ୍ଟର ଟିଏମ୍‌ସିରେ ୮୯୫ ଶଯ୍ୟା

କୋଭିଡ୍ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାର ୧୯ଟି ପଞ୍ଚାୟତରେ ୨୩ଟି ସି-ଟିଏମ୍‌ସିରେ ୭୫୦ଶଯ୍ୟା ଏବଂ ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ ସମେତ ବାଣପୁର ଓ ବାଲୁଗାଁ ଏନ୍‌ଏସିରେ ୬ଟି ସି-ଟିଏମ୍‌ସିରେ ୧୪୫ଟି ଶଯ୍ୟା ରହିଛି। ମୋଟ ଜିଲାରେ ୨୯ଟି ସି-ଟିଏମ୍‌ସିରେ ୮୯୫ ଶଯ୍ୟା ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେଥିରୁ ବାଲିଅନ୍ତା(୧୬ଟି ପଞ୍ଚାୟତ-୨) ୪୦, ବାଲିପାଟଣା (୧୭୬ପଞ୍ଚାୟତ-୧)୫୦, ଭୁବନେଶ୍ୱର ବ୍ଲକ(୨୦ ପଞ୍ଚାୟତ-୪)୯୦, ଜଟଣୀ(୧୫ପଞ୍ଚାୟତ-୨)୫୦, ଖୋର୍ଦ୍ଧା(୨୨ ପଞ୍ଚାୟତ-୨) ୭୦, ବେଗୁନିଆ (୨୧ପଞ୍ଚାୟତ-୨)୧୦୦, ବୋଲଗଡ଼ (୧୯ ପଞ୍ଚାୟତ-୨)୭୦, ଟାଙ୍ଗୀ (୨୬ପଞ୍ଚାୟତ-୨)୫୦, ଚିଲିକା (୧୭ପଞ୍ଚାୟତ-୪)୭୦, ବାଣପୁର(୧୭ପଞ୍ଚାୟତ-୩)୧୫୦ଶଯ୍ୟା ରହିଛି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳର ୨୨ଟି ୱାର୍ଡ ଲାଗି ଗୋଟିଏ ସି-ଟିଏମ୍‌ସିରେ ୩୦ଶଯ୍ୟା ରହିଥିବା ବେଳେ ଜଟଣୀର ୨୩ଟି ୱାର୍ଡ ପାଇଁ ଗୋଟିଏ ସି-ଟିଏମ୍‌ସି ୨୫ଶଯ୍ୟା ରହିଛି। ବାଣପୁର ୧୫ ୱାର୍ଡ ପାଇଁ ଗୋଟିଏ, ୫୦ଟି ଶଯ୍ୟା ଏବଂ ବାଲୁଗାଁର ୧୧ଟି ୱାର୍ଡରେ ୩ଟି କ୍ଲଷ୍ଟର ଟିଏମ୍‌ସିରେ ୪୦ଶଯ୍ୟା ରହିଛି।

### ସଂସ୍ଥା ବନ୍ଦ, କାମଧନ୍ଦା ନାହିଁ

କରୋନା ଯୋଗୁ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଶିଳ୍ପ ସଂସ୍ଥା, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ହେବାକୁ ଲାଗିଛି। ସଂସ୍ଥା ବନ୍ଦ ଯୋଗୁ ଅନେକ ମାଲିକ କର୍ମଚାରୀ ଓ ଶ୍ରମିକଙ୍କ ଛଟେଇ ମଧ୍ୟ ଆରମ୍ଭ କରିଛନ୍ତି। ଏପଟେ କାମଧନ୍ଦା ବନ୍ଦ, ମାସିକ ଭଡ଼ା ନ ଦେଲେ ଘର ଖାଲି କରିବାକୁ କହୁଛନ୍ତି। ଖାଇବାକୁ ନେଇ ଅସୁବିଧା ଦେଇ ଗତି କରିବା ଆଶଙ୍କାରେ ପ୍ରବାସୀମାନେ ପୁଣି ଗାଁ ମୁହାଁ ହେବାରେ ଲାଗିଛନ୍ତି। ଗତବର୍ଷ ଫେରିଥିବା ପ୍ରବାସୀଙ୍କ ସଂସ୍ପର୍ଶରେ ଆସି ବହୁ ଗ୍ରାମବାସୀ ଆକ୍ରାନ୍ତ ହୋଇଥିଲେ। ଚଳିତ ବର୍ଷ ସେପରି ସମସ୍ୟା ସୃଷ୍ଟି ହେବା ପୂର୍ବରୁ ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

### ୧୪ଦିନ ସଙ୍ଗରୋଧ ବାଧ୍ୟତାମୂଳକ

ପ୍ରବାସୀଙ୍କ ଉପରେ ନଜର ରଖିବା ଲାଗି ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବାସୀ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ନଚେତ୍ ୧୪ ଦିନିଆ ହୋମ୍‌ଆଇସୋଲେଶନରେ ରହିବେ। ଦୈନିକ ପଞ୍ଚାୟତକୁ ଫେରୁଥିବା ପ୍ରବାସୀଙ୍କ ସମ୍ପର୍କରେ ସରପଞ୍ଚ ସ୍ଥାନୀୟ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବେ। ଗ୍ରାମାଞ୍ଚଳରେ କୋଭିଡ୍ ନିୟନ୍ତ୍ରଣ ଲାଗି ପଞ୍ଚାୟତସ୍ତରୀୟ କୋଭିଡ୍ ପରିଚାଳନା କମିଟି ରହିଛି। ଆରଆରଟି ଟିମ୍, ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ୍ ଗ୍ରାମକୁ ଗ୍ରାମ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଏଥିସହ ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ କର୍ମଚାରୀ ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଥର୍ମାଲ ସ୍କ୍ରିନିଂ କରୁଛନ୍ତି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି।

### ୨୪୮ ଅକ୍ସିଜେନ ସିଲିଣ୍ଡର ବ୍ୟବସ୍ଥା

ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚ୍‌ସି ଓ ପିଏଚ୍‌ସିରେ ୨୪୮ଟି ଅକ୍ସିଜେନ ସିଲିଣ୍ଡର ବ୍ୟବସ୍ଥା ରହିଛି। ପ୍ରତି ବ୍ଲକରେ ୧୧ଟି ସ୍ୱତନ୍ତ୍ର କୋଭିଡ୍ ଆମ୍ବୁଲାନ୍ସ, ୧୧ଟି ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ ରହିଛି। ୨୦ଟି ଆର୍‌ଆର୍‌ଟି ସିଏଚ୍‌ସି ସ୍ତରରେ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି। ପ୍ରତି ସିଏଚ୍‌ସିରେ କୋଭଡ କଣ୍ଟ୍ରୋଲରୁମ ଏବଂ ଜିଲା ସ୍ତରରେ ୩ଟି କଣ୍ଟ୍ରୋଲ ରୁମ ରହିଛି। ଗୋଟିଏ ଜିଲାସ୍ତରରେ ହେଲଥ ମନିଟରିଂ ସେଲ୍ ରହିଛି। କଣ୍ଟ୍ରୋଲ ରୁମ୍ ସହ ଅଭିଜ୍ଞ ଡାକ୍ତରମାନେ ରହିଛନ୍ତି। ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା କୋଭିଡ୍ ରୋଗୀଙ୍କ ସହ ନିୟମିତ ଡାକ୍ତରମାନେ ଭର୍ଚୁଆଲରେ ଆଲୋଚନା କରୁଛନ୍ତି। ଗୁରୁତର ରୋଗୀଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ବାଲକାଟୀଠାରେ ୧୫୦ଶଯ୍ୟାବିଶିଷ୍ଟ କୋଭିଡ୍ ମେଡିକାଲ, ଖୁଦୁପୁର ଠାର ୩୦୦ଶଯ୍ୟା କୋଭିଡ୍ କେୟାର ହୋମ୍ ରହିଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସତ୍ୟ



@ ବଚନ



@ ଅଶୋକ



@ ସରୋଜ



@ ବିଶ୍ୱଜିତ୍



@ ଦୀପ୍ତିରଞ୍ଜନ



@ ପ୍ରଦୀପ

# ସାଇବର ଠକେଇ ଉଦ୍ୟମ, ୩ ଅଟକ

**ବ୍ରହ୍ମଗିରି,୧୧।୫(ଡି.ଏନ୍.ଏ.)**

**୩ ବାଇକ୍, ମୋବାଇଲ, ଆଧାରକାର୍ଡ ଜବତ**

ସାଇବର ଠକେଇ ଉଦ୍ୟମ ଅଭିଯୋଗରେ ବ୍ରହ୍ମଗିରି ପୋଲିସ ମଙ୍ଗଳବାର ୩ଜଣଙ୍କୁ ଅଟକ ରଖିଛି। ଏମାନଙ୍କ ନିକଟରୁ ୩ ବାଇକ୍, ଫୋନ, ସିମ କାର୍ଡ ଓ ଆଧାର କାର୍ଡ ଜବତ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ବେଷ୍ଟପୁରର ଏକ ସାହିରେ ମଙ୍ଗଳବାର ୩ଜଣ ଯୁବକ ପହଞ୍ଚି ଏନ୍‌ଜିଓ ମାଧ୍ୟମରେ ସହାୟତା ଯୋଗାଇଦିଆଯିବ ବୋଲି ଲୋକଙ୍କୁ କହିଥିଲେ। ଆଧାର, ପାନ କାର୍ଡ ଦେଲେ ହଜାର ଟଙ୍କା, ପ୍ରତି ମାସରେ ୫ଶହ ଟଙ୍କା ସହ ବିଭିନ୍ନ ଆସବାବପତ୍ର ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ପରେ କେତେଜଣ ଲୋକଙ୍କ ନିକଟରୁ ଆଧାର କାର୍ଡ ଓ ପାନ କାର୍ଡ ନେଇ ଏକ ସିମ ଆକ୍ଟିଭ କରିଥିଲେ। ସେମାନଙ୍କର ଫିଙ୍ଗର ପ୍ରିଣ୍ଟ ନେଇ ଆଧାର କାର୍ଡରେ ଉକ୍ତ ନୂଆ ନମ୍ବରକୁ ସଂଯୋଗ କରି ସମସ୍ତ ଡକ୍ୟୁମେଣ୍ଟ ଓ ସିମକାର୍ଡ ଲୋକଙ୍କୁ ନ ଦେଇ ନିଜ ପାଖରେ ରଖିଥିଲେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ, ହଜାରେ ଟଙ୍କାରୁ ପ୍ରୋସେସିଂ ଫି ବାବଦକୁ ୩୦୦ଟଙ୍କା କାଟି ୭ଶହ ଟଙ୍କା ଦେଇଥିଲେ। ଘଟଣା ସମ୍ପର୍କରେ ଜଣେ ଅବସରପ୍ରାପ୍ତ ସୈନିକ ଶ୍ୟାମଳେନ୍ଦୁ ପ୍ରଧାନ ଜାଣିବାକୁ ପାଇଥିଲେ। ସେ ପହଞ୍ଚି ଉକ୍ତ ଯୁବକଙ୍କୁ ଏହା କେଉଁ ସଂସ୍ଥା, ସେମାନଙ୍କର ପରିଚୟ ସମ୍ପର୍କରେ ପଚାରିବାରେ ସନ୍ତୋଷଜନକ ଉତ୍ତର ନ ପାଇବାରୁ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ୩ ଯୁବକଙ୍କୁ ଧରିଥିଲା। ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, ୩ଜଣଙ୍କୁ ଅଟକ ରଖାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।